PRAMEYA @ 10 YEARS

# ପ୍ରମେୟ
THE PRAMEYA

PRINTED AT BHUBANESWAR SAMBALPUR PANIKOILI JEYPORE
RNI REGD NO: ODIODI/2011/37619 - POSTAL REGD NO: BN/208/18-20
ବର୍ଷ ୧୨ | ସଂଖ୍ୟା ୧୩୫ | ଜୟପୁର
୧୪ ସେପ୍ଟେମ୍ବର ୨୦୨୨ | ବୁଧବାର

12 PAGES | ₹7.00
VOLUME 12 | ISSUE 135 | JEYPORE
14 SEPTEMBER 2022 | WEDNESDAY

ଗୁଜରାଟରେ ସ୍ୱପ୍ନ
ବିକାଳି ଜିତିବନି



www.prameya.com | prameyaodia | prameyaodia

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

# ପ୍ରଫେସର ଚକ୍ରଧର ନୂଆ କୁଳପତି



କୋରାପୁଟ, ୧୩।୯ (ଆପ୍ର): କୋରାପୁଟ ଜିଲ୍ଲା ସୁନାବେଡ଼ା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ଭାବେ ନିଯୁକ୍ତି ପାଇଛନ୍ତି ପ୍ରଫେସର ଚକ୍ରଧର ତ୍ରିପାଠୀ। ସେ ଏବେ ପଶ୍ଚିମବଙ୍ଗ ଶାନ୍ତିନିକେତନ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗର ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ନୂତନ ନିଯୁକ୍ତିକୁ ନେଇ ପ୍ରଫେସର ତ୍ରିପାଠୀ କହିଛନ୍ତି, ବିଶ୍ୱଭାରତୀ କର୍ତ୍ତୃପକ୍ଷ ତାଙ୍କୁ ରିଲିଭ କରିବା ପରେ ସେ ଶୀଘ୍ର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଯୋଗଦେବେ। ସମସ୍ତଙ୍କ ସହଯୋଗରେ ବିଶ୍ୱବିଦ୍ୟାଳୟର ଉନ୍ନତି କ୍ଷେତ୍ରରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ। ଆର୍ଥିକ ସ୍ତରରେ ଦେଶର ଉନ୍ନତି ସହ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ରତା କିପରି ବଜାୟ ରହିବ, ସେ ଦିଗରେ କାର୍ଯ୍ୟ କରିବେ।

ସୂଚନାଥାଉକି, ପ୍ରଫେସର ତ୍ରିପାଠୀ ୧୯୮୬ରେ ଖଡଗପୁରର ଏକ କଲେଜରେ ଅଧ୍ୟାପନା ଜୀବନ ଆରମ୍ଭ କରିଥିଲେ। ୧୯୯୧ ନଭେମ୍ବର ୨୧ରୁ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ଗତବର୍ଷ ଜୁଲାଇରେ ଏହି ବିଶ୍ୱବିଦ୍ୟାଳୟ କୁଳପତି ଆଇ. ରାମବ୍ରହ୍ମଙ୍କ ପରଲୋକ ଘଟିବା ପରେ ପ୍ରଫେସର ଶରତ କୁମାର ପଳିତା ଭାରପ୍ରାପ୍ତ କୁଳପତି ଦାୟିତ୍ୱରେ ରହିଛନ୍ତି।

# ପ୍ରଫେସର ଚକ୍ରଧର ତ୍ରିପାଠୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି

ଭୁବନେଶ୍ୱର, ୧୩।୯ (ସମିସ): କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ଭାବେ ପ୍ରଫେସର ଚକ୍ରଧର ତ୍ରିପାଠୀ ନିଯୁକ୍ତ ହୋଇଛନ୍ତି। ନୂତନ କୁଳପତିଙ୍କୁ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଯୁକ୍ତ କରିଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ କରିଛି। ଆସନ୍ତା ୫ ବର୍ଷ ଯାଏଁ କିମ୍ବା ପ୍ରଫେସର ତ୍ରିପାଠୀଙ୍କୁ ୭୦ ବର୍ଷ ବୟସ ହେବା ପର୍ଯ୍ୟନ୍ତ ସେ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଦାୟିତ୍ୱ ବହନ କରିବେ। ତେବେ ପ୍ରଫେସର ତ୍ରିପାଠୀ ଏବେ ପଶ୍ଚିମବଙ୍ଗ ସ୍ଥିତ ବିଶ୍ୱ ଭାରତୀ ଶାନ୍ତି ନିକେତନରେ ହିନ୍ଦୀ ବିଭାଗ



ବରିଷ୍ଠ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ଅଧ୍ୟାପନା କ୍ଷେତ୍ରରେ ତାଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି। ତାଙ୍କ ଅଧୀନରେ ୨୭ ଜଣ ଛାତ୍ରଛାତ୍ରୀ ପିଏଚଡି ଅଧ୍ୟୟନ କରିଥିବାବେଳେ ୬ରୁ ଅଧିକ ଗବେଷଣାତ୍ମକ ପୁସ୍ତକ ରଚନା କରିଛନ୍ତି। ସେ ୪ଟି ପୁସ୍ତକରେ ସମ୍ପାଦନା ଏବଂ ୫ଟି ପୁସ୍ତକର ଅନୁବାଦ କରିଛନ୍ତି। ଅଧ୍ୟାପନା କ୍ଷେତ୍ରରେ ତାଙ୍କର ୩୩ ବର୍ଷ ଅଭିଜ୍ଞତା ଥିବାବେଳେ ୧୬ ବର୍ଷ ଧରି ବରିଷ୍ଠ ପ୍ରାଧ୍ୟାପକ ଭାବେ ଦାୟିତ୍ୱ ବହନ କରିଛନ୍ତି। ତେବେ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ ମରେଇଗାଁରେ ପ୍ରଫେସର ତ୍ରିପାଠୀ ଜନ୍ମଗ୍ରହଣ କରିଥିବାବେଳେ ସେ ଶାନ୍ତିନିକେତନର ଏବେ ସ୍ଥାୟୀ ବାସିନ୍ଦା। ସୂଚନାଯୋଗ୍ୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ରାମବ୍ରହ୍ମମ୍‌ଙ୍କ ଦେହାନ୍ତ ପରେ ପ୍ରଫେସର ପାଲିତା କୁଳପତି ଭାବେ ଦାୟିତ୍ୱ ବହନ କରୁଥିଲେ।

# ‘ଅଞ୍ଚଳର ମୂଳ ଅଧିବାସୀଙ୍କ ସାମଗ୍ରିକ ବିକାଶକୁ ଗୁରୁତ୍ୱ’

ନୂଆ ଦାୟିତ୍ୱ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ପାଇଁ ଅନେକ ଆହ୍ୱାନ ରଖିଥିବାବେଳେ ସମସ୍ତ ପ୍ରତିକୂଳ ସ୍ଥିତି ସହ ସେ ଖାପ ଖୁଆଇ କାମ କରିବେ ବୋଲି ମତ ରଖିଛନ୍ତି। ତାଙ୍କ ସହିତ ଆଲୋଚନା କରିଛନ୍ତି ‘ସକାଳ’ ପ୍ରତିନିଧି ଅବିନାଶ ମହାପାତ୍ର....

**■ ନବନିଯୁକ୍ତ କୁଳପତି ଭାବେ ବିଶ୍ୱବିଦ୍ୟାଳୟର କେଉଁ କ୍ଷେତ୍ରକୁ ପ୍ରାଥମିକତା ଦେବେ?**

ବିଶ୍ୱବିଦ୍ୟାଳୟ ଶୈକ୍ଷିକ ମାନ ବୃଦ୍ଧି ଏବଂ ଗୁଣାତ୍ମକ ଶିକ୍ଷାନୁଷ୍ଠାନର ମାନ୍ୟତା ପ୍ରଦାନ କରିବା ପ୍ରାଥମିକ ଉଦ୍ଦେଶ୍ୟ ରହିବ। ସର୍ବୋପରି ଦୀର୍ଘ ଦିନ ହେଲା ଅଧପନ୍ତରିଆ ହୋଇ ରହିଥିବା ରାଜୀବ ଗାନ୍ଧୀ ଅଧ୍ୟୟନ ଚେୟାରର ପ୍ରତିଷ୍ଠା ତଥା ଟ୍ରାଇବାଲ୍ ଷ୍ଟଡିଜ୍ ବିଭାଗ ଖୋଲିବା ଦିଗରେ ପ୍ରାଥମିକତା ଦିଆଯିବ।

**■ ଆଦିବାସୀ ଅଞ୍ଚଳରେ ପ୍ରତିଷ୍ଠା ହୋଇଛି ଏହି ବିଶ୍ୱବିଦ୍ୟାଳୟ ସେମାନଙ୍କ ବିକାଶ ପାଇଁ ଆପଣଙ୍କ ପଦକ୍ଷେପ କ’ଣ ରହିବ?**

ଆଦିବାସୀମାନେ ହେଉଛନ୍ତି ଏହି ଅଞ୍ଚଳର ମୂଳ ଅଧିବାସୀ। ତେଣୁ ସେମାନଙ୍କ ସାମଗ୍ରିକ ବିକାଶକୁ ସର୍ବଦା ପ୍ରାଥମିକତା ଦିଆଯିବ। ଆଦିବାସୀଙ୍କ ସାମାଜିକ, ଅର୍ଥନୈତିକର ବିକାଶ ତଥା ସେମାନଙ୍କ ସଂସ୍କୃତିର ଗବେଷଣା ଲାଗି ବିଶ୍ୱବିଦ୍ୟାଳୟ ଅଧିକ ଗୁରତ୍ୱ ଦେବ। ମୂଳ ଅଧିବାସୀଙ୍କ ସାମଗ୍ରିକ ବିକାଶ ବିଶ୍ୱବିଦ୍ୟାଳୟର ମୂଳ ମନ୍ତ୍ର ହେବ।

**■ ଅଧ୍ୟାପନାରୁ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ସର୍ବୋଚ୍ଚ କ୍ଷମତା; ପରିଚାଳନାରେ କୌଣସି ସମସ୍ୟା ହେବ କି?**

ପ୍ରଶାସନ କ୍ଷେତ୍ରରେ ପୂର୍ବରୁ ଅଭିଜ୍ଞତା ରହିଛି। ଶାନ୍ତିନିକେତନରେ ବିଭିନ୍ନ ବିଭାଗର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ବହନ କରିଛି। ଶାନ୍ତିନିକେତନରେ ଯୋଗ ଦେବା ପୂର୍ବରୁ ଅନ୍ୟ ଶିକ୍ଷାନୁଷ୍ଠାନରେ ମଧ୍ୟ ପରିଚାଳନା ପ୍ରକ୍ରିୟାରେ ଦାୟିତ୍ୱ ବହନ କରୁଥିଲି। ତଥାପି ନୂଆ ତଥା ଗୁରୁ ଦାୟିତ୍ୱ ପୂର୍ଣ୍ଣ ଦକ୍ଷତାର ସହ ପ୍ରତିପାଦନ କରିବି। ସର୍ବଦା ମୋର ସହକର୍ମୀମାନଙ୍କ ସହଯୋଗ ନେବି।

**■ ୧୪ ବର୍ଷର ଯାତ୍ରାରେ ବିଶ୍ୱବିଦ୍ୟାଳୟରେ ମାତ୍ର ୧୪ ବିଭାଗ ଖୋଲିଛି, ନୂଆ ବିଭାଗ ଖୋଲିବା କ’ଣ ପଦକ୍ଷେପ ନେବେ?**

ବିଶ୍ୱବିଦ୍ୟାଳୟରେ ଏବେ ଓଡିଆ, ସଂସ୍କୃତ, ହିନ୍ଦୀ, ଇଂରାଜୀ ଭଳି ଭାଷା ସହିତ ନୃତତ୍ୱ, ସମାଜ ବିଜ୍ଞାନ, ଅର୍ଥନୀତି, ସାମ୍ବାଦିକତା ଓ ଗଣଯୋଗାଯୋଗ, ଶିକ୍ଷା, ଗଣିତ, କମ୍ପ୍ୟୁଟର୍ ବିଜ୍ଞାନ, ପରିସଂଖ୍ୟାନ, ବ୍ୟବସାୟ ପ୍ରବନ୍ଧନ, ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ଆଦିକୁ ମିଶାଇ ମୋଟ୍ ୧୪ଟି ବିଷୟରେ ସ୍ନାତକୋତ୍ତର ପାଠପଢ଼ା ବ୍ୟବସ୍ଥା ଅଛି। ପିଲାଙ୍କ ଆଗ୍ରହ ଓ ଆବଶ୍ୟକତା ଅନୁଯାୟୀ ନୂଆ ବିଭାଗ ଖୋଲିବା ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ।

**■ କର୍ମଚାରୀ ଅଭାବ ବିଶ୍ୱବିଦ୍ୟାଳୟର ପ୍ରମୁଖ ସମସ୍ୟା, ଏହାର ସମାଧାନ ପାଇଁ କ’ଣ କରିବେ?**

ମାନବସମ୍ବଳ ଭରଣା କରିବାର ସମ୍ପୂର୍ଣ୍ଣ ଦାୟିତ୍ୱ ଶିକ୍ଷା ମନ୍ତ୍ରଣାଳୟର। ମନ୍ତ୍ରଣାଳୟ ପକ୍ଷରୁ ଏନେଇ ପ୍ରକ୍ରିୟା ଚାଲିଛି। ତଥାପି ଖାଲି ଥିବା ପଦରେ ଅତିଥି ଅଧ୍ୟାପକ ନିଯୁକ୍ତ କରାଯାଇ କାମଚଳା ଭାବେ ଶିକ୍ଷାଦାନ କରାଯିବ। କେନ୍ଦ୍ର ସରକାର ସମସ୍ତ ପଦ ତ୍ୱରିତ ପୂରଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରୁଛନ୍ତି। ସେ ପର୍ଯ୍ୟନ୍ତ ଅତିଥି ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ନେଇ ବିଶ୍ୱବିଦ୍ୟାଳୟ ଚାଲିବ।

ଧରିତ୍ରୀ
DHARITRI
ରାୟଗଡ଼ା, ବୁଧବାର, ସେପ୍ଟେମ୍ବର ୧୪/୨୦୨୨ (୧୪ ପୃଷ୍ଠା) Rayagada, Wednesday, September 14/2022 Page 14 ₹ 7.00
୧୨ଶ ଭାଗ ୨୧୭ ସଂଖ୍ୟା www.orissakhabar.com/www.dharitri.com | Printed at Rayagada VOLUME 12 ISSUE 217 ମୂଲ୍ୟ ₹୭/-

# ପ୍ରଫେସର ଚକ୍ରଧର ତ୍ରିପାଠୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂଆ କୁଳପତି



କୋରାପୁଟ,(ସ୍ୱ.ପ୍ର.)/ଭୁବନେଶ୍ୱର, ୧୩।୯(ବ୍ୟୁରୋ): କୋରାପୁଟ ସୁନାବେଡ଼ାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କୁ ନିଯୁକ୍ତି ମିଳିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ପ୍ରଫେସର ତ୍ରିପାଠୀଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ଏ ନେଇ ମଙ୍ଗଳବାର ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଶିକ୍ଷା ମନ୍ତ୍ରଣାଳୟର ସୂଚନାନୁସାରେ, ପ୍ରଫେସର ତ୍ରିପାଠୀ ଯେବେଠାରୁ କାର୍ଯ୍ୟଭାର ଗ୍ରହଣ କରିବେ, ସେବେଠାରୁ ୫ବର୍ଷ ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇବେ। ସମ୍ପ୍ରତି ପ୍ରଫେସର ତ୍ରିପାଠୀ ପଶ୍ଚିମବଙ୍ଗର ବିଶ୍ୱଭାରତୀ, ଶାନ୍ତିନିକେତନରେ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ସୂଚନାଯୋଗ୍ୟ, ୨୦୨୧ ଜୁଲାଇ ୨୯ରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଇ. ରାମବ୍ରହ୍ମମଙ୍କ ଦେହାନ୍ତ ପରଠୁ ଏହି ପଦବୀ ଖାଲି ପଡ଼ିଥିଲା। ପ୍ରଫେସର ଶରତ କୁମାର ପଲିତା ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ତୁଲାଉଥିଲେ।

HERE . NOW
OrissaPOST


ADVERSE EFFECT
Actor Malavika Mohanan says stalking has often been romanticised in films which is problematic for women in real life LEISURE | P2


FRESH CLASHES
Russian President urges to end Armenia-Azerbaijan fight after border clashes killed 49 Armenian soldiers INTERNATIONAL | P10


NOT A FRIENDLY REUNION
Erling Haaland will face his former team Borussia Dortmund when Man City host the German side in a UCL game today SPORTS | P12

VOLUME 12, ISSUE 165 | www.orissapost.com BHUBANESWAR | WEDNESDAY, SEPTEMBER 14 | 2022 12 PAGES | ₹5.00

# President appoints Tripathi new VC of CUO

POST NEWS NETWORK

**Bhubaneswar, Sept 13:** President of India Tuesday appointed Chakradhar Tripathi, professor of Visva Bharati, Santiniketan, West Bengal, the new Vice Chancellor of Central University of Odisha (CUO), Koraput, for a term of five years.

Ministry of Education, in a letter to registrar of CUO, Koraput, said that the President of India, in her capacity as the Visitor of Central University of Odisha, was pleased to appoint Chakradhar Tripathi, as the Vice Chancellor of the Central University as per Statute 2 of the Central Universities Act, 2009 for a term of five years from the date on which he enters upon his office or until he attains the age of seventy years, whichever is earlier. The terms and conditions of the services of Chakradhar Tripathi as the VC of the University will be those as set forth in the act, statutes and ordinances of the University, the letter stated.

Speaking to Orissa POST Tripathy said his main focus will be to develop the academic standard of the University and improve the name of Koraput district across the country. For the benefit of the students, he said he will invite guest faculties from country's other renowned universities.

The post of VC at CUO was vacant after the death of then Vice Chancellor I Ramabrahmam. Earlier, July 26, 2021 Sharat Kumar Palita had taken the charge, thus performing the duties of the Vice Chancellor.

102 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2021-2023

- Koraput, Wednesday 14 September 2022
- କୋରାପୁଟ, ବୁଧବାର ୧୪ ସେପ୍ଟେମ୍ବର ୨୦୨୨
- ଆଜି ସିଂହ ୨୯ ଦିନ, ୧୪୩୦ ସାଲ
- ଭାଦ୍ରବ ୨୩ ଦିନ, ୧୯୪୪ ଶକାବ୍ଦ, କୃଷ୍ଣପକ୍ଷ ଚତୁର୍ଥୀ
- ଭାଗ- ୯୩ ସଂଖ୍ୟା- ୨୬୨
- www.thesamaja.com
  www.samajaepaper.com
  www.samajalive.in

ଟ ୭.୦୦ (୧୬ ପୃଷ୍ଠା)

ସମାଜ®
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, JEYPORE

# ଦୁଇ ଓଡ଼ିଆ କୁଳପତି ନିଯୁକ୍ତ

## ଚକ୍ରଧର ତ୍ରିପାଠୀଙ୍କୁ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦାୟିତ୍ୱ

■ ନୂଆଦିଲ୍ଲୀ, ୧୩।୯ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଦ୍ୱାରା ଘୋଷିତ ନୂତନ କୁଳପତି ତାଲିକାରେ ଦୁଇ ଜଣ ଓଡ଼ିଆଙ୍କୁ ଦୁଇଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ମିଳିଛି। ବିଶ୍ୱଭାରତୀର ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କୁ କୋରାପୁଟ ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ମିଜୋରାମ ବିଶ୍ୱବିଦ୍ୟାଳୟର ପ୍ରୋ-ଭାଇସ ଚାନସଲର ପ୍ରଫେସର ଜଗଦୀଶ କୁମାର ପଟ୍ଟନାୟକଙ୍କୁ ନାଗାଲାଣ୍ଡ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଇ ରାମବ୍ରହ୍ମମଙ୍କ ମୃତ୍ୟୁ ପରେ ପ୍ରାୟ ଏକ ବର୍ଷ ଧରି କୁଳପତି ପଦ ଖାଲି ପଡ଼ିଥିଲା। ଶାନ୍ତିନିକେତନ ସ୍ଥିତ ବିଶ୍ୱଭାରତୀରୁ ପ୍ରଫେସର ତ୍ରିପାଠୀ ହିନ୍ଦୀ ବିଷୟରେ ଏମ ଏ ଏବଂ ପିଏଚଡି କରିଛନ୍ତି। ଗତ ୨୮ବର୍ଷ ଧରି ସେ ବିଶ୍ୱଭାରତୀରେ ହିନ୍ଦୀ ବିଭାଗରେ ଅଧ୍ୟାପନା କରୁଛନ୍ତି।

ଦୁଇ ଓଡ଼ିଆ କୁଳପତି ନିଯୁକ୍ତ

ଚକ୍ରଧର ତ୍ରିପାଠୀଙ୍କୁ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦାୟିତ୍ୱ

■ ନୂଆଦିଲ୍ଲୀ, ୧୩।୯ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଦ୍ୱାରା ଘୋଷିତ ନୂତନ କୁଳପତି ତାଲିକାରେ ଦୁଇ ଜଣ ଓଡ଼ିଆଙ୍କୁ ଦୁଇଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ମିଳିଛି। ବିଶ୍ୱଭାରତୀର ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କୁ କୋରାପୁଟ ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ମିଜୋରାମ ବିଶ୍ୱବିଦ୍ୟାଳୟର ପ୍ରୋ-ଭାଇସ ଚାନସଲର ପ୍ରଫେସର ଜଗଦୀଶ କୁମାର ପଟ୍ଟନାୟକଙ୍କୁ ନାଗାଲାଣ୍ଡ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଇ ରାମବ୍ରହ୍ମମଙ୍କ ମୃତ୍ୟୁ ପରେ ପ୍ରାୟ ଏକ ବର୍ଷ ଧରି କୁଳପତି ପଦ ଖାଲି ପଡ଼ିଥିଲା। ଶାନ୍ତିନିକେତନ ସ୍ଥିତ ବିଶ୍ୱଭାରତୀରୁ ପ୍ରଫେସର ତ୍ରିପାଠୀ ହିନ୍ଦୀ ବିଷୟରେ ଏମ ଏ ଏବଂ ପିଏଚଡି କରିଛନ୍ତି। ଗତ ୨୮ବର୍ଷ ଧରି ସେ ବିଶ୍ୱଭାରତୀରେ ହିନ୍ଦୀ ବିଭାଗରେ ଅଧ୍ୟାପନା କରୁଛନ୍ତି।

ସମ୍ବାଦ

# ଚକ୍ରଧର ତ୍ରିପାଠୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି

ଭୁବନେଶ୍ୱର, ୧୩/୯(ଇମିସ): କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କୁ ଆଜି ରାଷ୍ଟ୍ରପତି ନିଯୁକ୍ତି ଦେଇଛନ୍ତି। ପ୍ରଫେସର ତ୍ରିପାଠୀ ଏବେ ପଶ୍ଚିମବଙ୍ଗ ଶାନ୍ତିନିକେତନର ବିଶ୍ୱ ଭାରତୀରେ ହିନ୍ଦୀ ବିଭାଗ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ଦାୟିତ୍ୱ ଗ୍ରହଣ ଦିନଠାରୁ ୫ ବର୍ଷ ନ ହେଲେ ୬୭ ବର୍ଷ ବୟସ ପର୍ଯ୍ୟନ୍ତ ସେ କୁଳପତି ଭାବେ କାର୍ଯ୍ୟ କରିବେ। ବିଶ୍ୱବିଦ୍ୟାଳୟ ଆଇନ ଅନୁଯାୟୀ ସେ ବିଭିନ୍ନ ସୁବିଧା ସୁଯୋଗ ଉପଲବ୍ଧ କରିବେ ବୋଲି ଆଜି ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ଲେଖାଯାଇଥିବା ଚିଠିରେ କୁହାଯାଇଛି।



୧୯୬୦ ମସିହା ଏପ୍ରିଲ ୧୮ରେ ଜନ୍ମ ଗ୍ରହଣ କରିଥିବା ପ୍ରଫେସର ତ୍ରିପାଠୀ ଉତ୍କଳ ବିଶ୍ୱବିଦ୍ୟାଳୟରୁ ୧୯୮୩ରେ ସ୍ନାତକରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ ୧୯୮୫ରେ ବିଶ୍ୱଭାରତୀରୁ ହିନ୍ଦୀରେ ସ୍ନାତକୋତ୍ତର ଶିକ୍ଷା ଶେଷ କରିବା ସହ ସେଠାରୁ ୧୯୯୧ରେ ପିଏଚ୍‌ଡି ଡିଗ୍ରି ହାସଲ କରିଥିଲେ। ୧୯୭୯ରେ ବିହାରର ଦେଓଘରସ୍ଥିତ ହିନ୍ଦୀ ବିଦ୍ୟାପୀଠରୁ ସାହିତ୍ୟ ଭୂଷଣରେ ଭୂଷିତ ହୋଇଥିଲେ। ଅଧ୍ୟାପକ ଭାବେ ୧୨ ବର୍ଷର ଅଭିଜ୍ଞତା ଥିବା ବେଳେ ରିଡର ଭାବେ ୮ ବର୍ଷ ଓ ପ୍ରଫେସର ଭାବେ ୧୬ ବର୍ଷର ଅଭିଜ୍ଞତା ରହିଛି। ମୋଟ ଉପରେ ୩୩ ବର୍ଷର ଶିକ୍ଷକତା ଅଭିଜ୍ଞତା ତାଙ୍କର ରହିଛି। ବିଭିନ୍ନ ସମୟରେ ବିଶ୍ୱ-ଭାରତୀର ପ୍ରମୁଖ ପଦପଦବିରେ ରହି ସଫଳତାର ସହ ଦାୟିତ୍ୱ ସମ୍ପାଦନ କରିଛନ୍ତି। ଜାତୀୟ, ଅନ୍ତର୍ଜାତୀୟସ୍ତରରେ ବିଭିନ୍ନ କମିଟିର ସଦସ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ୪ଟି ଗବେଷଣା ପୁସ୍ତକ ପ୍ରକାଶ କରିଛନ୍ତି। ବିଭିନ୍ନ ସମ୍ମାନରେ ସମ୍ମାନିତ ହୋଇଥିବା ପ୍ରଫେସର ତ୍ରିପାଠୀଙ୍କ ଅଧୀନରେ ୧୬ଜଣ ଛାତ୍ରଛାତ୍ରୀ ପିଏଚ୍‌ଡି କରିଥିବା ଜଣାପଡ଼ିଛି।

BALASORE Edition
Page No.3 September 14, 2022

ସମ୍ବାଦ

# ଦେଶୀ ଘିଅକୁ ବିଦେଶରେ ପହଞ୍ଚାଇବି: ଚକ୍ରଧର ତ୍ରିପାଠୀ

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର କୁଳପତି ଭାବେ ନିଯୁକ୍ତ ହୋଇଛନ୍ତି ପ୍ରଫେସର ଚକ୍ରଧର ତ୍ରିପାଠୀ। ଅଧୁନା ପଶ୍ଚିମବଙ୍ଗର ବିଶ୍ୱଭାରତୀ ଶାନ୍ତିନିକେତନର ହିନ୍ଦୀ ବିଭାଗର ପ୍ରଫେସର ଥିବା ଶ୍ରୀ ତ୍ରିପାଠୀ ଏହି ବିଶ୍ୱବିଦ୍ୟାଳୟର ବିକାଶ ଲାଗି ଅନେକ ସ୍ୱପ୍ନ ଦେଖିଛନ୍ତି। ଆଦିବାସୀ ଅଧୁଷିତ ଅଞ୍ଚଳରେ ଥିବା ଏହି ବିଶ୍ୱବିଦ୍ୟାଳୟକୁ ନିଜ କାର୍ଯ୍ୟକାଳ ମଧ୍ୟରେ ଅନ୍ତର୍ଜାତୀୟ ମାନର କରିବାକୁ ସେ ଲକ୍ଷ୍ୟ ରଖିଥିବା 'ସମ୍ବାଦ' ସାମ୍ବାଦିକ କେଶବ ପାଣିଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର ବେଳେ କହିଛନ୍ତି।



**ପ୍ରଫେସର ପଦବି ପୂରଣ ଦିଗରେ ଆପଣଙ୍କ ପ୍ରଥମ ପଦକ୍ଷେପ କ'ଣ ରହିବ?**

● ସେଠାରେ ଶିକ୍ଷକ ପଦବି ଖାଲି ପଡ଼ିବା ଚିନ୍ତାର ବିଷୟ। ତାହାକୁ ନଜରରେ ରଖି ଯୋଗଦେବାର ଏକ ମାସ ମଧ୍ୟରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଯୋଜନା ପ୍ରସ୍ତୁତ କରିଛି। ଚଳିତ ସେମିଷ୍ଟର ଛାତ୍ରଛାତ୍ରୀଙ୍କ ପାଠପଢ଼ା ସ୍ୱାଭାବିକ କରିବା ସହ ପାଠ୍ୟକ୍ରମ ଶେଷ କରିବା ଲାଗି ଏକ ମାସ ମଧ୍ୟରେ ପ୍ରତି ବିଭାଗରେ ଜଣେ ଲେଖାଏ ଏମିନିଏଣ୍ଟ ପ୍ରଫେସରଙ୍କୁ ଅଣାଯିବ। ୬ରୁ ୮ ମାସ ମଧ୍ୟରେ ୧୪ଟି ବିଭାଗରେ ଖାଲି ପଡ଼ିଥିବା ଶିକ୍ଷକ ପଦବି ପୂରଣ କରିବା ଦିଗରେ ପଦକ୍ଷେପ ନେବି। ୨୦୨୩ ଜୁଲାଇରୁ ନୂଆ ଶିକ୍ଷାବର୍ଷ ଆରମ୍ଭ ହେବ। ତା ପୂର୍ବରୁ ନୂଆ କରି ୬ଟି ବିଭାଗରେ ନିଯୁକ୍ତି ପ୍ରକ୍ରିୟା ସାରିବାକୁ ଲକ୍ଷ୍ୟ ରଖିଛି।

**କୋରାପୁଟ ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ହୋଇଥିବାରୁ ସେଠାକାର ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ଦିଗରେ କିଭଳି କାର୍ଯ୍ୟ କରିବେ?**

● ମୋର ମୂଳ ଲକ୍ଷ୍ୟ ହେଲା ଭାରତର ଆଦିବାସୀ ଅଧ୍ୟୟନକୁ ଗୋଟିଏ ଦିସା ଦେବା। ସେଦିଗରେ କାର୍ଯ୍ୟ କରିବି। ଆମେରିକା, ଆଫ୍ରିକା ଆଦି ମହାଦେଶର ଯେଉଁ ଆଦିବାସୀଙ୍କ ସଂସ୍କୃତି, ସଭ୍ୟତା, କଳାକୁ ଭାରତୀୟ ତଥା ଓଡ଼ିଶାର ଆଦିବାସୀଙ୍କ ସଂସ୍କୃତି, ପରମ୍ପରାକୁ ମିଶାଇ କିଭଳି ଅଧିକ ଗବେଷଣା କରାଯାଇପାରିବ ସେଦିଗରେ ପଦକ୍ଷେପ ନେବି। ବିଶେଷକରି ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ତରରେ କିଭଳି ଯୋଡ଼ି ହେବ ତାହା ମୋର ପ୍ରଥମ କର୍ତ୍ତବ୍ୟ ରହିବ। ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷାକୁ ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟ କରିବି।

**ଗବେଷଣାକୁ କେତେ ଗୁରୁତ୍ୱ ଦେବେ?**

● ଗୋଟିଏ ବିଶ୍ୱବିଦ୍ୟାଳୟ ବିକାଶରେ ଗବେଷଣା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଓଡ଼ିଶା ଏକ କୃଷି ପ୍ରଧାନ ଦେଶ ହୋଇଥିବାରୁ ମୋର ବଡ଼ ସ୍ୱପ୍ନ ରହିଛି ଯେ ଘିଅ ଉତ୍ପାଦନକୁ କିଭଳି ଅଧିକ ବଢ଼ାଯାଇପାରିବ। ଓଡ଼ିଶାର ଦେଶୀ ଘିଅ ବିଦେଶରେ ପହଞ୍ଚିପାରିବ। ସେଥିପାଇଁ ରାଜ୍ୟ ସରକାରଙ୍କ ସହଯୋଗ, ସାହାଯ୍ୟ ନେଇ କାର୍ଯ୍ୟ କରିବି।

**ଦେଶର ଅନ୍ୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ତୁଳନାରେ ଏହା ବହୁ ପଛରେ ପଡ଼ିଛି। ତାହାକୁ କିଭଳି ମଜବୁତ କରିବେ?**

● ବିଶ୍ୱବିଦ୍ୟାଳୟର ଶୈକ୍ଷିକସ୍ତର ଉପରକୁ ଉଠାଇବାକୁ ସବୁ ପ୍ରକାର ପ୍ରୟାସ କରିବି। ଭିତ୍ତିଭୂମି ବିକାଶ ସହ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ସମସ୍ତଙ୍କ ସହଯୋଗରେ କାର୍ଯ୍ୟ କରିବି। ରାଷ୍ଟ୍ରୀୟ ଶିକ୍ଷା ନୀତି-୨୦୨୦କୁ ଆଧାରରେ ଏହି କ୍ୟାମ୍ପସର ବିକାଶ କରିବାକୁ ଲକ୍ଷ୍ୟ ରଖିଛି।

**ଯୋଗଯୋଗ ଠିକ୍ ନ ଥିବାରୁ କ୍ୟାମ୍ପସର ବିକାଶ ହେଉ ନାହିଁ କି?**

● ସେମିତି କିଛି ନୁହେଁ। କ୍ୟାମ୍ପସ ଯେଉଁଠି ବି ଥାଉ। ପାଠପଢ଼ା ଭଲ ହେଲେ ପିଲା ନିଶ୍ଚିତ ଆସିବେ। ଶୁଣିବାକୁ ମିଳୁଛି ଯେ ଖୁବ୍‌ଶୀଘ୍ର ଜୟପୁରକୁ ବିମାନ ସେବା ଆରମ୍ଭ ହେବ। ରେଳ ଯୋଗାଯୋଗ ରହିଛି। ଭୁବନେଶ୍ୱରରେ ଏକ କ୍ୟାମ୍ପ ଅଫିସ ରହିଛି। ସେଠାରେ ସେଲ୍ଫ ଫାଇନାନ୍ସିଂ ମୋଡ୍‌ରେ ବିଦେଶୀ ଭାଷାରେ ପାଠ୍ୟକ୍ରମ ଖୋଲିପାରିଲେ ବହୁ ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ।

ୁବନେଶ୍ୱର • ବୁଧବାର • ସେପ୍ଟେମ୍ବର ୧୪ • ୨୦୨୨ BHUBANESWAR • WEDNESDAY • 14 SEPTEMBER • 2022
ଡରିବାନି... ସଚେତନ ରହିବା | Protocols are sacrosanct. Let's try our best to abide by it.
ପ୍ରଗତିବାଦୀ PRAGATIVADI (1973-2022) YEARS GLORY OF GOLDEN JUBILEE
ଓଡ଼ିଶାର ଏକମାତ୍ର ନିରପେକ୍ଷ ଦୈନିକ
www.pragativadi.com
# ପ୍ରଗତିବାଦୀ
PRAGATIVADI ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳ • FOUNDER PRADYUMNA BAL
ପଶ୍ଚିମ ଓଡ଼ିଶା ସଂସ୍କରଣ
VOL. : 50 • NO. : 252 • PAGES : 12 • ପୃଷ୍ଠା : ୧୨
Postal Regd. No. BN-47/21-23
ମୂଲ୍ୟ: ୬ଟଙ୍କା • ₹ 6.00 (Air Surcharge 0.50p)
superhits RED FM 93.5 Bajaate Raho!

# ଚକ୍ରଧର ତ୍ରିପାଠୀ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂଆ କୁଳପତି

■ କୋରାପୁଟ,ତା୧୩।୯(ପିଏନଏସ)



କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ ପ୍ରଫେସର ଚକ୍ରଧର ତ୍ରିପାଠୀ ଦାୟିତ୍ୱ ଗ୍ରହଣ କରିବେ। ତାଙ୍କର ଏହି ନିଯୁକ୍ତିକୁ ରାଷ୍ଟ୍ରପତି ମଞ୍ଜୁର କରିଛନ୍ତି। ପୂର୍ବତନ କୁଳପତି ପ୍ରଫେସର ଆଇ.ରାମବ୍ରହ୍ମଙ୍କର ୨୦୨୧ ଜୁଲାଇରେ ଦେହାନ୍ତ ହେବା ପରେ ଦୀର୍ଘ ବର୍ଷେ ହେଲା ଏହି ପଦବୀ ଖାଲି ପଡ଼ିଥିଲା । ବିଶ୍ୱଭାରତୀର ଫାକଲ୍ଟି ମେମ୍ବର ଭାବେ କାର୍ଯ୍ୟରତ ପ୍ରଫେସର ତ୍ରିପାଠୀଙ୍କୁ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ନିଯୁକ୍ତି ଦିଆଯାଇଥିବାରୁ ବିଶ୍ୱବିଦ୍ୟାଳୟରେ ଆନନ୍ଦ ଖେଳି ଯାଇଛି ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଷଡବିଂଶ ବର୍ଷ
ସଂଖ୍ୟା : ୩୪୨
ତିଥି : ତୃତୀୟା
୧୪ ସେପ୍ଟେମ୍ବର ୨୦୨୨, ବୁଧବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

ସମୟ 25

ପ୍ରତିଷ୍ଠାତା – ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 342
14 Sept 2022, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ପ୍ରଫେସର ଚକ୍ରଧର ତ୍ରିପାଠୀ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂଆ କୁଳପତି




କୋରାପୁଟ (ସବ୍ୟୁ): କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ ନିଯୁକ୍ତ ହେଲେ ପ୍ରଫେସର ଚକ୍ରଧର ତ୍ରିପାଠୀ । ରାଷ୍ଟ୍ରପତି ତାଙ୍କୁ ୫ ବର୍ଷ ପାଇଁ କୁଳପତି ଭାବେ ନିଯୁକ୍ତ କରିଛନ୍ତି । ପ୍ରଫେସର ତ୍ରିପାଠୀ ପଶ୍ଚିମବଙ୍ଗର ବିଶ୍ୱ ଭାରତୀ ଓ ଶାନ୍ତିନିକେତନରେ ପ୍ରଫେସର ଭାବେ କାର୍ଯ୍ୟରତ ଥିଲେ । ସୂଚନାଯୋଗ୍ୟ, ୨୦୨୧ ଜୁଲାଇରେ ସ୍ୱର୍ଗତ ଆଇ.ରାମବ୍ରହ୍ମଙ୍କ ଦେହାନ୍ତ ପରେ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ କୁଳପତି ପଦବୀ ଖାଲି ପଡ଼ିଥିଲା ।



ଦୃଢ଼ ଇଚ୍ଛାଶକ୍ତି ଥିଲେ ମନୁଷ୍ୟ ନିଜର ଭାଗ୍ୟକୁ ମଧ୍ୟ ବଦଳାଇ ଦେଇପାରେ।

- ଓଶୋ


# ସାହାଣ ମେଳା

SAHANA MELA

ଦୈନିକ ଓଡ଼ିଆ

RNi No.: ODiODi/2012/47661 Postal Reg. No. BN/253/18-20






■ Vol. : X ■ Issue : 275 ■ Bhubaneswar, Wednesday 14 September 2022 ■ Website: www.sahanmela.com ■ Price : ₹ 5.00

■ ଭାଗ: ୧୦ ■ ସଂଖ୍ୟା: ୨୭୫ ■ ଭୁବନେଶ୍ୱର, ବୁଧବାର, ୧୪ ସେପ୍ଟେମ୍ବର ୨୦୨୨, ଆଶ୍ୱିନ କୃଷ୍ଣପକ୍ଷ ଚତୁର୍ଥୀ, ସିଂହ ୨୯ ଦିନ, ଶକାବ୍ଦ ୧୯୪୪ ■ ମୂଲ୍ୟ: ଟ ୫.୦୦


## ଚକ୍ରଧର ତ୍ରିପାଠୀ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂଆ କୁଳପତି

ଭୁବନେଶ୍ୱର, ୧୩।୦୯ (ହି.ସ.): କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ହେଲେ ପ୍ରଫେସର ଚକ୍ରଧର ତ୍ରିପାଠୀ। ପଶ୍ଚିମବଙ୍ଗର ବିଶ୍ୱ ଭାରତୀ ଓ ଶାନ୍ତିନିକେତନରେ ପ୍ରଫେସର ଭାବେ କାର୍ଯ୍ୟରତ ପ୍ରଫେସର ତ୍ରିପାଠୀ ଏହି ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ନିଯୁକ୍ତି ଦେଇଛନ୍ତି। ପ୍ରଫେସର ତ୍ରିପାଠୀ ଆସନ୍ତା ୫ ବର୍ଷ ପାଇଁ କୁଳପତି ଦାୟିତ୍ୱରେ ରହିବେ। ସୂଚନାଯୋଗ୍ୟ, ୨୦୨୧ ଜୁଲାଇରେ ସ୍ୱର୍ଗତ ଆଇ.ରାମବ୍ରହ୍ମଙ୍କ ଦେହାନ୍ତ ପରେ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ କୁଳପତି ପଦବି ଖାଲି ଥିଲା।

RESURGENT PEOPLE'S DAILY

THE UTKAL MAIL

# ଉତ୍କଳମେଲ

SIMULTANEOUSLY PUBLISHED FROM BHUBANESWAR & ROURKELA

ପ୍ରତିଷ୍ଠାତା ସଂପାଦକ: ଶ୍ରୀ ପିତବାସ ମିଶ୍ର

ରାଉରକେଲା, ଭୁବନେଶ୍ୱର ଓ ପାରାଦୀପରୁ ଏକ ସଙ୍ଗେ ପ୍ରକାଶିତ

"ଈଶ୍ୱରଙ୍କ ଛଡା ଆମେ ଆଉ କାହାକୁ ଡରୁନା"


**ମହାରାଷ୍ଟ୍ରର ଉମେଶ ହତ୍ୟାକାଣ୍ଡ : ପଳାତକ ଅଭିଯୁକ୍ତ ଉପରେ ଏନ୍‌ଆଇଏ ୨ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା**

ମୁମ୍ବାଇ, ୧୩/୦୯– ମହାରାଷ୍ଟ୍ରର ଅମରାବତୀ ଜିଲ୍ଲାର ଜଣାଶୁଣା ରସାୟନ ବିଜ୍ଞାନୀ ଉମେଶ କୋଲହେ ହତ୍ୟା ମାମଲାରେ ପଳାତକ ଅଭିଯୁକ୍ତ ସମ୍ପର୍କରେ ସୂଚନା ଦେଲେ ଜାତୀୟ ଅନୁସନ୍ଧାନ ଏଜେନ୍ସି (ଏନଆଇଏ) ୨ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଛି । ଅଭିଯୁକ୍ତଙ୍କ ବିଷୟରେ ସୂଚନା ପ୍ରଦାନ କରୁଥିବା ବ୍ୟକ୍ତିଙ୍କୁ ଏହି ରାଶି ପୁରସ୍କାର ଭାବରେ ପ୍ରଦାନ କରାଯିବ ବୋଲି ଏଜେନ୍ସି କହିଛି । ଏହି ହତ୍ୟା ମାମଲାରେ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଏହି ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରୀ ହେଉଛନ୍ତି ଶେଖ ଇରଫାନ ଶେଖ ରହିମ । ଏ ନେଇ ଏହି ହତ୍ୟା ମାମଲାର ଯାଂଚ କରୁଛି । ୨୧ ଜୁନ୍ ରତିରେ ରାତି ୧୦ରୁ ୧୦.୩୦ ମଧ୍ୟରେ ଉମେଶ କୋଲହେଙ୍କୁ ଏକ ତୀକ୍ଷ୍ଣ ଅସ୍ତ୍ରରେ ହତ୍ୟା କରାଯାଇଥିଲା । ଅନୁସନ୍ଧାନରୁ ଏହା ସ୍ପଷ୍ଟ ହୋଇଛି ଯେ ବିଜେପି ନେତା ନୁପୁର ଶର୍ମାଙ୍କ ସମର୍ଥନରେ ସୋସିଆଲ ମିଡ଼ିଆରେ ଏକ ପୋଷ୍ଟ ଅପଲୋଡ଼ କରି ଉମେଶ କୋଲହେଙ୍କୁ ହତ୍ୟା କରାଯାଇଛି ।

**ଜମ୍ମୁ-ଶ୍ରୀନଗର ରାଷ୍ଟ୍ରୀୟ ରାଜମାର୍ଗରେ ଚଳାଚଳ ସ୍ୱାଭାବିକ ହେଲା**

ଜମ୍ମୁ, ୧୩/୦୯ – ଗତ ତିନି ଦିନ ଧରି ଭୂସ୍ଖଳନ ଯୋଗୁଁ ବାରମ୍ବାର ବ୍ୟାଘାତ ହେଉଥିବା ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ଯାତାୟତ ସ୍ୱାଭାବିକ ହୋଇଛି । ମଙ୍ଗଳବାର ଦିନ ଉଭୟ ପାର୍ଶ୍ୱରୁ ହାଲୁକା ଏବଂ ବେସରକାରୀ ଯାନଗୁଡ଼ିକୁ ଫ୍ଲାଗ୍ କରାଯାଇଛି । ଭାରୀ ଯାନ ଗୁଡ଼ିକ ସେମାନଙ୍କ ପାସ୍ ପରେ ଯିବାକୁ ଅନୁମତି ଦିଆଯିବ । ଅଧିକାରୀଙ୍କ କହିବାନୁସାରେ, ହାଲୁକା ଯାତ୍ରୀ ଏବଂ ବେସରକାରୀ ଯାନବାହାନ ରାଜପଥରେ ଉଭୟ ପାର୍ଶ୍ୱ ଦେଇ ଯିବା ପରେ ଭାରୀ ଯାନ ଗୁଡ଼ିକ ଜଖେନର ଉଦାମପୁରରୁ ଶ୍ରୀନଗର ଆଡ଼କୁ ଅଗ୍ରସର ହେବ । କେବଳ ସାମଗ୍ରୀ ଏବଂ ଅନ୍ୟାନ୍ୟ ଯାନବାହାନ ଦେଇ ରାଜପଥର ଅତ୍ୟାଧୁନିକ ସ୍ଥିତିକୁ ଅନୁଧ୍ୟାନ କରିବା ପରେ ଟ୍ରାଫିକ ନିୟମ ଅନୁଯାୟୀ ଜାମ୍ମୁରୁ ଶ୍ରୀନଗରକୁ ଯିବା ପାଇଁ ଅଧିକାରୀମାନେ ସୁରକ୍ଷା ବାହିନୀକୁ ନିବେଦନ କରିଛନ୍ତି ।


ବର୍ଷ ୩୩, ସଂଖ୍ୟା ୨୩୯ ▯ ଭୁବନେଶ୍ୱର ବୁଧବାର ୧୪ ସେପ୍ଟେମ୍ବର ୨୦୨୨ ▯ Bhubaneswar Wednesday, 14 September 2022 ▯ R.N.I. No. 48307/90 ▯ Po.Rgn.OR/BN-28/09-11 ▯ ମୂଲ୍ୟଟ. ୨/-ପୃଷ୍ଠା-୮


# ପ୍ରଫେସର ଚକ୍ରଧର ତ୍ରିପାଠୀ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ନୂଆ କୁଳପତି



କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ହେଲେ ପ୍ରଫେସର ଚକ୍ରଧର ତ୍ରିପାଠୀ । ପ୍ରଫେସର ଆଇ.ରାମବ୍ରହ୍ମଙ୍କର ଦେହାନ୍ତ ହେବା ପରେ ଦୀର୍ଘ ବର୍ଷେ ହେଲା ଏହି ପଦବି ଖାଲି ପଡିଥିଲା । ପଶ୍ଚିମବଙ୍ଗର ବିଶ୍ୱ ଭାରତୀ, ଶାନ୍ତିନିକେତନ ପ୍ରଫେସର ଭାବେ କାର୍ଯ୍ୟରତ ପ୍ରଫେସର ଶ୍ରୀ ତ୍ରିପାଠୀ ଏହି ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିବେ । ସୂଚନାଯୋଗ୍ୟ, ୨୦୨୧ ଜୁଲାଇରେ ସ୍ୱର୍ଗତ ଆଇ.ରାମବ୍ରହ୍ମଙ୍କ ଦେହାନ୍ତ ପରେ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ କୁଳପତି ପଦବି ଖାଲି ପଡିଥିଲା । ଏବେ ୧୧ ପ୍ରତିଶତ ସ୍ଥାୟୀ ପଦବିରେ ବିଶ୍ୱବିଦ୍ୟାଳୟ ପରିଚାଳତ ହେଉଛି ।

THE NEW INDIAN EXPRESS
BHUBANESWAR • WEDNESDAY • SEPTEMBER 14, 2022 • ₹9.00 • PAGES 12 • JEYPORE EDITION

# Chakradhar Tripathi new VC of CUO

BHUBANESWAR: The President of India Droupadi Murmu has appointed Prof Chakradhar Tripathi of Visva Bharati as the Vice-Chancellor of Central University of Odisha (CUO) at Koraput.

Notifying this on Tuesday, the Ministry of Education said that the appointment has been made as per the Statute 2 of the Central Universities Act, 2009 for a period of five years from the date on which he takes charge or until he attains the age of 70, whichever is earlier.



The post has been lying vacant since July 2021 after the death of incumbent VC Prof I Ramabrahamam.

Tripathi is a faculty member of Hindi in Visva Bharati. Speaking to *The New Indian Express*, he said his primary aim will be to recruit faculty members for the CUO which is running with just 11 per cent of sanctioned faculty strength.

https://newsroomodisha.com/prof-chakradhar-tripathi-named-new-vc-of-cuo-koraput/

https://pragativadi.com/professor-chakradhar-tripathi-appointed-vice-chancellor-of-central-university-of-odisha/

https://odishabytes.com/chakradhar-tripathi-is-the-new-vc-of-central-university-odisha/

https://sambadenglish.com/santiniketans-prof-chakradhar-tripathy-is-new-vc-of-koraputs-central-university/

https://argusnews.in/article/odisha/prof-chakradhar-tripathi-appointed-vc-of-odisha-central-university

https://ommcomnews.com/odisha-news/prof-chakradhar-tripathi-appointed-central-university-koraputs-vc

https://updateodisha.com/2022/09/13/prof-chakradhar-tripathi-appointed-new-vc-of-cuo-koraput-79669/

https://www.newindianexpress.com/cities/bhubaneswar/2022/sep/14/presidentappoints-chakradhar-tripathi-as-new-vc-ofcentral-university-of-odisha-2498083.html

https://www.orissapost.com/professor-chakradhar-tripathy-appointed-vice-chancellor-of-koraputs-central-university/

https://worldspies.com/2022/09/13/professor-chakradhar-tripathy-appointed-vice-chancellor-of-koraputs-central-university/

https://www.etvbharat.com/oriya/odisha/state/koraput/chakradhar-tripathi-appointed-new-vc-of-central-university-koraput/or20220913215108745745117

https://rojgarresultslive.com/2022/09/13/professor-chakradhar-tripathy-appointed-vice-chancellor-of-koraputs-central-university/